# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**02nd May - 2024**

**News Editor : *Tapan Kumar Maharana***

**************************************

## ମୁଖ୍ୟ ସମ୍ବାଦ

- ୬ଟି ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କଲା ବି.ଜେ.ପି. ।

— ୩ଟି ବିଧାନସଭା ଆସନ ପାଇଁ ବି.ଜେ.ପି. ଘୋଷଣା କଲା ପ୍ରାର୍ଥୀ ।

- କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କଲେ ଦଳର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

— ସମ୍ବଲପୁର ଲୋକସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

- ରାଜ୍ୟରେ ବି.ଜେ.ପି., ବି.ଜେ.ଡି. ଓ ଅନ୍ୟ ଦଳର ପ୍ରାର୍ଥୀମାନେ ଦାଖଲ କଲେ ନାମାଙ୍କନ ପତ୍ର ।

ଏବଂ

- ରାଜ୍ୟରେ ଆଜି ମଧ୍ୟ ବଳବତ୍ତର ରହିଛି ଗ୍ରୀଷ୍ମର ପ୍ରକୋପ; ଦିନ ସାଢ଼େ ୨ଟା ସୁଦ୍ଧା ୭ଟି ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ।

*Desk*

# ବି.ଜେ.ପି. ପ୍ରାର୍ଥୀ ତାଲିକା

ବି.ଜେ.ପି. ବାକିଥିବା ଆଉ ୬ଟି ବିଧାନସଭା ଆସନପାଇଁ ତା'ର ପ୍ରାର୍ଥୀଙ୍କ ନାମ ତାଲିକା ଘୋଷଣା କରିଛି । ବାରବାଟୀ-କଟକ ପାଇଁ ଡକ୍ଟର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନାମ ଘୋଷଣା କରାଯାଇଥିବାବେଳେ ବେଗୁନିଆ ପାଇଁ ପ୍ରକାଶ ରଣ ବିଜୁଳି, ଭଣ୍ଡାରୀପୋଖରୀ ପାଇଁ ସୁଧାଂଶୁ ନାୟକ, ବରୀ ପାଇଁ ଉମେଶ ଜେନା, ଘଷିପୁରା ପାଇଁ ସମ୍ଭୂନାଥ ରାଉତ ଏବଂ ଭୋଗରାଇ ବିଧାନସଭା ଆସନ ପାଇଁ ଆଶିଷ ପାତ୍ରଙ୍କ ନାମ ଘୋଷଣା କରାଯାଇଛି । ବାଲେଶ୍ୱର ଜିଲ୍ଲାର ନୀଳଗିରି ବିଧାନସଭା ଆସନ ବ୍ୟତୀତ ବି.ଜେ.ପି. ଏପର୍ଯ୍ୟନ୍ତ ୧୪୬ଟି ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି ।

*Desk*

# ବି.ଜେ.ଡି. ପ୍ରାର୍ଥୀ ଘୋଷଣା

ବିଜୁ ଜନତା ଦଳ ପକ୍ଷରୁ ବାକି ରହିଥିବା ତିନୋଟି ବିଧାନସଭା ଆସନ ପାଇଁ ଆଜି ପ୍ରାର୍ଥୀ ଘୋଷଣା କରାଯାଇଛି । କୋରେଇ, ଖଣ୍ଡପଡ଼ା ଏବଂ ନୀଳଗିରି ବିଧାନସଭା ଆସନ ପାଇଁ ଦଳ ପକ୍ଷରୁ ଦଳୀୟ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି । କୋରୋଇରୁ ସନ୍ଧ୍ୟାରାଣୀ ଦାସ, ନୀଳଗିରିରୁ ସୁକାନ୍ତ ନାୟକ ଏବଂ ଖଣ୍ଡପଡ଼ାରୁ ସାବିତ୍ରୀ ପ୍ରଧାନ ନିର୍ବାଚନ ଲଢ଼ିବେ । ଏଥିସହ ଦଳ

ପକ୍ଷରୁ ସମସ୍ତ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ଶେଷ ହୋଇଛି। ଅନ୍ୟପକ୍ଷରେ ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କୁ ଦଳ ପରିବର୍ତ୍ତିତ କରିଛି। ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ଦେବଗଡ଼ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରାଯାଇଛି। ପୂର୍ବରୁ ଏହି ଆସନ ପାଇଁ ଅରୁନ୍ଧତୀ ଦେବୀଙ୍କ ନାମ ଚୂଡ଼ାନ୍ତ ହୋଇଥିଲା।

***Desk***

## ମୁଖ୍ୟମନ୍ତ୍ରୀ - ପ୍ରାର୍ଥୀପତ୍ର ଦାଖଲ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଟିଟିଲାଗଡ଼ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ପାଖରେ ମୁଖ୍ୟମନ୍ତ୍ରୀ ନାମାଙ୍କନପତ୍ର ଦାଖଲ କରିବାବେଳେ ତାଙ୍କ ସହ ଦଳର ଅନ୍ୟାନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

***HS, Khurda, Sambalpur, Cuttack/R***

## ନାମାଙ୍କନପତ୍ର ଦାଖଲ

ସମ୍ବଲପୁର ଲୋକସଭା ଆସନ ପାଇଁ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ଆଶୀର୍ବାଦ କାମନା କରିବା ପରେ ନିଜ ସମର୍ଥକଙ୍କ ସହ ଏକ

ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ଶ୍ରୀ ପ୍ରଧାନ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

ସେହିପରି ଭୁବନେଶ୍ୱର ଲୋକସଭା ଆସନପାଇଁ ବି.ଜେ.ପି. ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

ବି.ଜେ.ଡି. ପ୍ରାର୍ଥୀ ମନ୍ମଥ ରାଉତରାୟ ମଧ୍ୟ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରପାଇଁ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଖୋର୍ଦ୍ଧା ବିଧାନସଭା ଆସନପାଇଁ ବି.ଜେ.ଡି. ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ସି.ପି.ଆଇ. ପ୍ରାର୍ଥୀ ଗୋପୀନାଥ ନାୟକ ଭୁବନେଶ୍ୱର ଉତ୍ତର ପାଇଁ ଏବଂ  ହେନା ବାରିକ ଏକାମ୍ର ଆସନପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି ଜଟଣୀ ବିଧାନସଭା ଆସନ ପାଇଁ ବି.ଜେ.ପି. ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

ରେଙ୍ଗାଲି ବିଧାନସଭା ଆସନପାଇଁ ବି.ଜେ.ପି. ପ୍ରାର୍ଥୀ ନାଉରୀ ନାୟକ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ରେଢ଼ାଖୋଲ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ ଏବଂ ସମ୍ବଲପୁର ବିଧାନସଭା ଆସନପାଇଁ କଂଗ୍ରେସ ପ୍ରାର୍ଥୀ ଦୁର୍ଗା ପ୍ରସାଦ ପାଢ଼ୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

କଟକ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ଏସ୍.ୟୁ.ସି.ଆଇ. ପକ୍ଷରୁ ରାଜକିଶୋର ମଲ୍ଲିକ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ଚୌଦ୍ୱାର-କଟକ ବିଧାନସଭା ପାଇଁ ଏସ୍.ୟୁ.ସି.ଆଇ. ପ୍ରାର୍ଥୀ ଖଗେଶ୍ୱର ସେଠୀ ଏବଂ

ବାରବାଟୀ କଟକ ବିଧାନସଭା ପାଇଁ ଅକ୍ଷୟ କୁମାର ରାଉଳ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି କଟକ ସଦର ବିଧାନସଭା ଆସନ ପାଇଁ ଦଳ ପକ୍ଷରୁ ପରମାନନ୍ଦ ସେଠୀ ମଧ୍ୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

***Ganjam/R***

# ନିର୍ବାଚନ ସ୍ଥିତି - ଗଞ୍ଜାମ

ଗଞ୍ଜାମ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ବ୍ରହ୍ମପୁର ଲୋକସଭା ଓ ଏହା ଅନ୍ତର୍ଗତ ୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀମାନଙ୍କ ନାମାଙ୍କନ ପତ୍ର ଯାଞ୍ଚ୍ ପ୍ରକ୍ରିୟା ଶେଷ ହୋଇଛି ।  ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ୧୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ଆସିକା ସଂସଦୀୟ କ୍ଷେତ୍ରରେ ଖଲିକୋଟ୍, ପୋଲସରା, କବିସୂର୍ଯ୍ୟନଗର, ଆସିକା, ହିଞ୍ଜିଳି, ସାନଖେମୁଣ୍ଡି, ଭଞ୍ଜନଗର ଏବଂ ସୋରଡ଼ା ବିଧାନସଭା ଆସନପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ସହ ମତଦାତାମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବାକୁ ପ୍ରାର୍ଥୀମାନେ ଜୋର୍‌ଦାର୍ ଉଦ୍ୟମ ଜାରି ରଖିଛନ୍ତି । ଏ ସମ୍ପର୍କରେ ଆମ ଗଞ୍ଜାମ ସମ୍ବାଦଦାତା ବିଭୂତି ଭୂଷଣ ତ୍ରିପାଠୀଙ୍କ ଏକ ରିପୋର୍ଟ :

***Voice :.............***

# ପ୍ରାର୍ଥୀପତ୍ର ଦାଖଲ

ସୋନପୁର ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସ ଦଳର ପ୍ରିୟବ୍ରତ ସାହୁ, ସୁରେଶ୍ୱରୀ ପୀଠରୁ ସମର୍ଥକଙ୍କ ଗ୍ରହଣରେ ଏକ ଶୋଭାଯାତ୍ରାରେ ଯାଇ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିଭଳି ନବନିର୍ମାଣ କୃଷକ ସଂଗଠନର ସମର୍ଥିତ ପ୍ରାର୍ଥୀ ସୋନାଲି ବିଶି ଏକ ନିଆରା ଢଙ୍ଗରେ ଶୋଭାଯାତ୍ରାରେ ଯାଇ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବୀରମହାରାଜପୁର ବିଧାନସଭା ଆସନ ପାଇଁ ବିଜେଡିର ପଦ୍ମନାଭ ବେହେରା ଆଜି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ଢେଙ୍କାନାଳ ବିଧାନସଭା ଆସନ ପାଇଁ ବିଜେପିର କୃଷ୍ଣଚନ୍ଦ୍ର ପାତ୍ର ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ରଞ୍ଜିତ କୁମାର ସାହୁ ଗତକାଲି ତାଙ୍କର ନାମାଙ୍କନପତ୍ର ଦାଖଲ କରିଥିଲେ।

ସୁନ୍ଦରଗଡ଼ ଲୋକସଭା ଆସନ ପାଇଁ ବିଜେପି ନେତା ଜୁଏଲ ଓରାମ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

*HS*

# ରାଷ୍ଟ୍ରୀୟ ଲୋକ ଅଦାଲତ

ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲାର ସମସ୍ତ ଅଦାଲତରେ ଆସନ୍ତା ୧୧ ତାରିଖ ଦିନ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ ଫୌଜଦାରୀ, ବ୍ୟାଙ୍କ୍ ଋଣ, ମୋଟର ଦୁର୍ଘଟଣା, ପାରିବାରିକ ଏବଂ ଦେୱାନୀ ଆଦି ମାମଲାର ବିଚାର କରାଯିବ ।

*Malkangiri/R*

# କେନ୍ଦ୍ରମନ୍ତ୍ରୀ - ନିର୍ବାଚନ ପ୍ରଚାର

ମାଲକାନଗିରି ଜିଲ୍ଲା ପୋଟେରୁ ସ୍ଥିତ ଶ୍ରୀହରି ଗୁରୁଚାନ୍ଦ ମନ୍ଦିର ନିକଟସ୍ଥ ଖେଳପଡ଼ିଆରେ ଅନୁଷ୍ଠିତ ବି.ଜେ.ପି.ର ଏକ ଜନସମାବେଶକୁ କେନ୍ଦ୍ର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ଶାନ୍ତନୁ ଠାକୁର ଆଜି ସମ୍ବୋଧନ କରିଛନ୍ତି । ମାଲକାନଗିରି ଜିଲ୍ଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି ଏବଂ ସେଠାରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଦେଖାଯାଉ ନାହିଁ ବୋଲି ଶ୍ରୀ ଠାକୁର ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଛୁଆ ବର୍ଗରେ ରହିଥିବା ମତୁଆ ସମ୍ପ୍ରଦାୟକୁ ବିଶ୍ୱ ଦରବାରରେ ପହଞ୍ଚାଇଥିବାରୁ ଆମେ ଗର୍ବ କରିବା ଉଚିତ ବୋଲି ସେ କହିଛନ୍ତି । ପରେ କେନ୍ଦ୍ରମନ୍ତ୍ରୀ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏମ୍.ଭି.-୩୦ ଗ୍ରାମରେ ବି.ଜେ.ପି.ର

ଅନ୍ୟ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇଥିଲେ । ଏଥିରେ ବି.ଜେ.ପି. ଲୋକସଭା ପ୍ରାର୍ଥୀ ବଳଭଦ୍ର ମାଝୀ, ଉମରକୋଟ ଓ ଝରିଗାଁ, ମାଲକାନଗିରି ବିଧାନସଭା ପ୍ରାର୍ଥୀମାନେ ଉପସ୍ଥିତ ଥିଲେ ।

***Gajapati/R***

# ଭୋଟର ସଚେତନତା

ଗଜପତି ଜିଲ୍ଲାରେ ମତଦାନ ହାରକୁ ବୃଦ୍ଧି କରିବା ଉଦ୍ଦେଶ୍ୟ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ନିଶ୍ଚିତ ଭୋଟ ଦେବାପାଇଁ ସମସ୍ତଙ୍କୁ ଅନୁରୋଧ କରିବା ସହ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଏବଂ ମୁଖ୍ୟ ପର୍ଯ୍ୟବେକ୍ଷକ ମିଳିତ ଭାବରେ ଭୋଟର୍ ସଚେତନତା ଓଡ଼ିଆ, ତେଲୁଗୁ, ସୌରା ଓ କୁଇ ଭାଷାରେ ପ୍ରସ୍ତୁତ ଅଡ଼ିଓ କ୍ୟାସେଟ୍ ସମେତ ସେଲ୍‌ଫି ପଏଣ୍ଟ ଏବଂ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ।

***Desk***

# ଅଣସଂରକ୍ଷିତ ଟିକେଟ୍

ରେଳଯାତ୍ରୀଙ୍କ ଟିକେଟ୍ ବୁକିଂକୁ ସରଳ ଓ ସୁବିଧା କରିବା ଲକ୍ଷ୍ୟ ନେଇ ରେଳବାଇ ପକ୍ଷରୁ ପଦକ୍ଷେପ ନିଆଯାଇଛି। ରେଳଯାତ୍ରୀମାନେ ନିଜ ମୋବାଇଲ୍ ଆପ୍ ଜରିଆରେ ଅଣସଂରକ୍ଷିତ ଏବଂ ପ୍ଲାଟଫର୍ମ ଟିକେଟ୍

କିଣିପାରିବେ। ୟୁଟିଏସ୍ ଅନ୍ ମୋବାଇଲ୍ ଆପ୍‌କୁ ନିଜ ମୋବାଇଲ୍‌ରେ ଡାଉନ୍‌ଲୋଡ୍ କରି ନିଜ ନାମ ମୋବାଇଲ୍ ନମ୍ବର ସହ ଅନ୍ୟ ସୂଚନା ଦେବାକୁ ପଡିବ। ମୋବାଇଲ୍ ନମ୍ବର, ପାସ୍‌ୱାର୍ଡ୍ କିମ୍ବା ଓଟିପି ଦେଇ ଏଥିରେ ଲଗ୍‌ଇନ୍ କରି ପ୍ଲାଟ୍‌ଫର୍ମ ଟିକେଟ୍ କିଣାଯାଇ ପାରିବ। ପୂର୍ବରୁ ରେଳଯାତ୍ରୀମାନେ ୨୦ କିଲୋମିଟର ପର୍ଯ୍ୟନ୍ତ ମଧ୍ୟରେ ଏଭଳି ସୁବିଧା ପାଇପାରୁଥିଲେ।

*HS*

## ଆଲୋଚନାଚକ୍ର

କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ସୁନାବେଢ଼ାରେ ଥିବା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । "ଜାତୀୟ ଶିକ୍ଷାନୀତି–୨୦୨୦ : ଆହ୍ୱାନ ଏବଂ ସୁଯୋଗ" ଶୀର୍ଷକ ଏହି ଦୁଇଦିନିଆ ଅଲୋଚନା ଚକ୍ର ଗତକାଲିଠାରୁ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବହୁ ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

# ତାପମାତ୍ରା

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଆଜି ଦିନ ୨ଟା ୩୦ ମିନିଟ୍ ସୁଦ୍ଧା ୭ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବା ନେଇ ରେକର୍ଡ଼ କରାଯାଇଛି । ତେବେ ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୨ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିବାବେଳେ ସମ୍ବଲପୁରରେ ୪୨ ଦଶମିକ ୩, କେନ୍ଦୁଝରରେ ୪୨, ହୀରାକୁଦ ଓ ରାଉରକେଲାରେ ୪୧ ଦଶମିକ ୮, ବାଲେଶ୍ୱର ଓ ଚାନ୍ଦବାଲିରେ ୪୧ ଦଶମିକ ୨ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ଼ କରାଯାଇଛି । ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ସର୍ବାଧିକ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

*****